## ସଂକ୍ଷେପରେ

### ଟ୍ରେନ୍‌ରୁ ବୃଦ୍ଧଙ୍କ ଗଳିତ ମୃତଦେହ ଠାବ

**କଳିଙ୍ଗନଗର,୧୨।୩(ଡି.ଏନ.ଏ.):** ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ନହକା ଗୋଲେଇ ଛକର ନହକା-ମୁଳିଶରଗଡ଼ା ରାସ୍ତାର ପ୍ରଥମ ଡ୍ରେନ୍‌ରୁ ରବିବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଠାବ କରାଯାଇଛି। ମୃତ ବ୍ୟକ୍ତିଜଣଙ୍କ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର କହ୍ନେଇ ରଣା(୮୦) ବୋଲି ଜଣାପଡ଼ିଛି। ଡ୍ରେନରେ ଦୁର୍ଗନ୍ଧ ହେଉଥିବାର ସ୍ଥାନୀୟ ହୋଟେଲ ମାଲିକ ପୋଲିସକୁ ଖବର ଦେଇଥିଲେ। ଯାଜପୁର ରୋଡ୍ ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମୃତଦେହଟି ୪-୫ ଦିନ ପୂର୍ବର ବୋଲି ପୋଲିସ ଅନୁମାନ କରୁଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି। ମୃତବ୍ୟକ୍ତି ୪-୫ ବର୍ଷ ହେବ ତାଙ୍କ ଝିଅ ଘର କୁଆଖିଆ ଥାନା ଯାବରା ଅଞ୍ଚଳରେ ରହିଆସୁଥିଲେ। ତାଙ୍କର ବ୍ୟାସନଗରରେ ମଧ୍ୟ ଜଣେ ଝିଅ ରହୁଥିବାରୁ ସେ ଏଠାକୁ ଯିବାଆସିବା କରୁଥିବା ତାଙ୍କ ଜ୍ୱାଇଁ କହିଛନ୍ତି। ତାଙ୍କ ମୃତଦେହ ଡ୍ରେନ୍‌କୁ କିପରି ଆସିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଦଳକସାହି ପାହାଡ଼ ଜଳୁଛି

**କାଳିଆପାଣି,୧୨।୩(ଡି.ଏନ୍.ଏ.):** ଯାଜପୁର ଜିଲା ସୁକିନ୍ଦା ବନାଞ୍ଚଳ ଅଧୀନ ଦୈତାରୀ ସଂରକ୍ଷିତ ଜଙ୍ଗଲର ଦଳକସାହି ପାହାଡ଼ରେ ରବିବାର ନିଆଁ ଲାଗିଛି। ଫଳରେ ବହୁ ମୂଲ୍ୟବାନ୍ ଗଛ ଜଳି ପାଉଁଶ ହୋଇଯାଉଛି। ହେଲେ ଏହି ନିଆଁକୁ ବନ ବିଭାଗ ଆୟତ କରିପାରୁନାହିଁ। ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ବପୁଳ ଟଙ୍କା ମଧ ଖର୍ଚ୍ଚ ହେଉଛି। ହେଲେ ଜଙ୍ଗଲକୁ ସୁରକ୍ଷା ଦିଆଯାଇପାରୁନାହିଁ। ଫଳରେ ଖର୍ଚ୍ଚ ହେଉଥିବା ଟଙ୍କା ପାଣିରେ ପଡୁଛି ବୋଲି ଅଭିଯୋଗ ହେଉଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଦଳକସାହି ନିକଟ ପାହାଡ଼ରେ ଧୂଆଁ ଉଠୁଥିବା ଦେଖିବାକୁ ମିଳିଥିଲା। ଏହା ରାଁସୋଳ ଫରେଷ୍ଟ ସେକ୍‌ଶନ ଅରଡ଼ାପାଳ ବିଟ୍ ହାଉସ୍‌ଠାରୁ ମାତ୍ର ୨୦୦ ମିଟର ଦୂର। ନିଆଁ ଲାଗିଥିବା ସ୍ଥାନର ପାରିପାର୍ଶ୍ୱିକକୁ ଦେଖିଲେ ଲାଗେ କେହି ମହୁଲ ସଂଗ୍ରହକାରୀ ମହୁଲ ପାଇଁ ଗଛ ତଳ ପତ୍ର ସଫା କରିବାକୁ ନିଆଁ ଲଗାଇ ଦେଇଛନ୍ତି। ନିଆଁ ଲାଗିବା ପରେ ପବନ ବହିବାରୁ ନିଆଁର ପ୍ରକୋପ ବଢ଼ି ଜଙ୍ଗଲ ହୁହୁ ହୋଇ ଜଳିଯାଉଛି। ବନ ବିଭାଗର ନିଆଁଲିଭା କର୍ମଚାରୀଙ୍କ ଦେଖା ମିଳୁନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ରାଁସୋଳ ଫରେଷ୍ଟର ନରେଶ କୁମାର ଟୁଡୁଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନ ଥିଲା। ଜଙ୍ଗଲ ନିଆଁ ଲିଭାଇବା ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।




ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ରେଳଧାରଣା ପାର ହୋଇ ବିଦ୍ୟାଳୟକୁ ଯାଉଛନ୍ତି।

# ବିଦ୍ୟାଳୟ ଯିବାକୁ ଜୀବନ ବାଜି

- ସ୍କୁଲ ରାସ୍ତାରେ ରେଳଧାରଣା ବାଧକ
- ବିପଦସଙ୍କୁଳ ଭାବେ ପାର ହେଉଛନ୍ତି ପିଲା
- ପ୍ରଶାସନ, ଶିକ୍ଷା ବିଭାଗ ପାଖରେ ସୂଚନା ନାହିଁ

**ଢେଙ୍କାନାଳ ଅଫିସ, ୧୨।୩**

ସ୍କୁଲ ବେଳ ହେଲେ ବହିବସ୍ତାନି ଧରି ଘରୁ ବାହାରନ୍ତି ପିଲାଏ। ହେଲେ ସେମାନେ ଯେ ସୁରକ୍ଷିତ ଭାବେ ପୁଣି ଘରକୁ ବାହୁଡ଼ିବେ, ସେ ଗ୍ୟାରେଣ୍ଟି କାହା ପାଖରେ ନାହିଁ। କାରଣ ବିଦ୍ୟାଳୟ ଯିବା ରାସ୍ତାରେ ପଡୁଥିବା ରେଳଧାରଣାରେ ନିଇତି ବାଜି ଲାଗୁଛି ସେମାନଙ୍କ ଜୀବନ। କଥା ଏତିକିରେ ସରିନି, ଟ୍ରାକ୍‌ରେ ଘଣ୍ଟା ଘଣ୍ଟା ଧରି ଅଟକି ରହୁଥିବା ମାଲବାହୀ ଟ୍ରେନ୍ ପାଇଁ ସ୍କୁଲ ସମୟ ବିଳମ୍ବ ହୋଇଯିବା ଆଶଙ୍କା କରି ସେମାନେ ରେଳ ତଳେ ଥିବା ଫାଙ୍କ ସ୍ଥାନ ଦେଇ ଏପାଖରୁ ସେପାଖକୁ ଯାଉଛନ୍ତି। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ତେନ୍ତୁଳିଆପଡ଼ା, ସୁଧାଡିହକାଟେଣୀ ସମେତ ରେଳଧାରଣା ନିକଟବର୍ତ୍ତୀ ଅଧିକାଂଶ ଗ୍ରାମରେ ଏଭଳି ଦୃଶ୍ୟ ସବୁଦିନିଆ। ଭବିଷ୍ୟତ ଗଢ଼ିବାକୁ ଛାତ୍ରୀଛାତ୍ରଙ୍କ ଏଭଳି ବିପଦପୂର୍ଣ୍ଣ ଯାତ୍ରା ବନ୍ଦ କରିବା ଲାଗି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାବେଳେ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଅଞ୍ଚଳବାସୀଙ୍କ କହିବା କଥା, ରାଜ୍ୟ ସରକାରଙ୍କ ଉଦ୍ୟମରେ ଶିକ୍ଷା ବ୍ୟବସ୍ଥାର ନବକଳେବର ହୋଇଛି। ବିଭିନ୍ନ ମାଧ୍ୟମରେ ପିଲାଙ୍କୁ ସ୍କୁଲମୁହାଁ କରିବାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଅଣ୍ଡରପାସ କିମ୍ବା ଫୁଟ ଓଭରବ୍ରିଜ୍ କରାଯାଉ ନ ଥିବାରୁ ଦୀର୍ଘ ୨୦ ବର୍ଷ ହେଲା ସମ୍ପୃକ୍ତ ଅଞ୍ଚଳର ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣ ଭାବେ ରେଳଧାରଣା ପାର ହୋଇ ବିଦ୍ୟାଳୟ ଯିବାକୁ ବାଧ୍ ହେଉଛନ୍ତି। କାରଣ ଉକ୍ତ ବ୍ୟସ୍ତବହୁଳ ଟ୍ରାକ୍‌ରେ ଉଭୟ ଯାତ୍ରୀବାହୀ ଓ ମାଲ୍‌ବାହୀ ଟ୍ରେନ୍ ଯାତାୟାତ କରୁଛି। ନିକଟରେ ଥିବା ଲେଭଲ କ୍ରସିଂରେ ସବୁଜ ସଙ୍କେତକୁ ଅପେକ୍ଷା କରୁଥିବା ଅଧିକାଂଶ ମାଲ୍‌ବାହୀ ଟ୍ରେନ୍ ଦୀର୍ଘ ସମୟ ଅଟକି ରହୁଛି। ବିକଳ୍ପ ରାସ୍ତା ନ ଥିବାରୁ ପିଲାମାନେ ବାଧ ହୋଇ ରେଳ ତଳେ ପଶି ଯାତାୟାତ କରୁଛନ୍ତି। ତୁରନ୍ତ ଉକ୍ତ ଅଞ୍ଚଳରେ ଏକ ଓଭରପାସ୍ କିମ୍ବା ଅଣ୍ଡରପାସ୍ ନିର୍ମାଣ କରିବାକୁ ଅଭିଭାବକ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପଟେ ବର୍ଷ ବର୍ଷ ଧରି ପିଲାମାନେ ଜୀବନକୁ ବିପଦରେ ପକାଇ ଏଭଳି ଯାତ୍ରା କରୁଥିବାବେଳେ ଏ ନେଇ ଜିଲା ପ୍ରଶାସନ କିମ୍ବା ଶିକ୍ଷା ବିଭାଗ ନିକଟରେ ସାମାନ୍ୟତମ ସୂଚନା ନ ଥିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ କୁହନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ଏ ନେଇ ବାରମ୍ବାର ଶିକ୍ଷା ବିଭାଗ, ପ୍ରଶାସନକୁ ଅବଗତ କରାଇବା ସତ୍ତ୍ୱେ ସୁଫଳ ମିଳୁନାହିଁ। ପ୍ରଶାସନ ରେଳ ବିଭାଗ ସହିତ ଆଲୋଚନା କରି ପଦକ୍ଷେପ ନେବା ଜରୁରୀ। ଓଡ଼ାପଡ଼ା ବିଇଓ ପ୍ରଫୁଲ୍ଲ କୁମାର କାର୍ଲୋ କୁହନ୍ତି, ତେନ୍ତୁଳିଆପଡ଼ା ଗ୍ରାମ ଥିବା ସେ ଶୁଣିଛନ୍ତି। ହେଲେ ଉକ୍ତ ଅଞ୍ଚଳରେ ଏଭଳି ସମସ୍ୟା ତାଙ୍କ ଦୃଷ୍ଟିକୁ ଆସିନାହିଁ କିମ୍ବା କେହି ଅଭିଯୋଗ କରିନାହାନ୍ତି। ସୋମବାର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିବେ। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କୁହନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା। କେହି ଆମକୁ ଜଣାଇନାହାନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇ ରେଳ ବିଭାଗ ସହିତ ଆଲୋଚନା କରିବା ପାଇଁ ଅନୁରୋଧ କରିବୁ। ଜିଲାପାଳ ସରୋଜ ସେଠୀ କୁହନ୍ତି, ଏଭଳି ସମସ୍ୟା ସମ୍ପର୍କରେ କେହି ଜଣାଇନାହାନ୍ତି। ଖୁବ୍‌ଶୀଘ୍ର ରେଳ ବିଭାଗ ସହ ଆଲୋଚନା କରି ସମାଧାନ ପାଇଁ ଉଦ୍ୟମ କରାଯିବ।

## ୫୦୦ କୋଟିର କଳାମୁଗୁନି ପଥର ଲୁଟ୍ ଅଭିଯୋଗ



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

### ନିରପେକ୍ଷ ତଦନ୍ତ ଦାବିକଲା ଭାଜପା

**ଢେଙ୍କାନାଳ ଅଫିସ,୧୨।୩**

ଢେଙ୍କାନାଳ ଜିଲାର ସରକାରୀ ଜମିରୁ ପଡ଼ୋଶୀ ଯାଜପୁର ଜିଲାକୁ ବେଆଇନ ଭାବେ ବିପୁଳ ପରିମାଣର କଳାମୁଗୁନି ପଥର ଚାଲାଣ ହେଉଛି। ଶାସକ ଦଳର ଜନପ୍ରତିନିଧିଙ୍କ ବାହୁଛାୟା ତଳେ ରହି ଅଭିଯୁକ୍ତମାନେ ନିର୍ଭୟରେ ଏଭଳି କାର୍ଯ୍ୟ କରି ଚାଲିଥିବାବେଳେ ପ୍ରଶାସନ ଓ ପୋଲିସ ପକ୍ଷରୁ ସେମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ବୋଲି ରବିବାର ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଅଭିଯୋଗ କରିଛନ୍ତି।

ଜିଲା ପ୍ରଶାସନ, ପୋଲିସ ଓ ଶାସକ ଦଳର ନେତୃବୃନ୍ଦଙ୍କୁ ଟାର୍ଗେଟ କରି କୃଷ୍ଣଚନ୍ଦ୍ର କହିଲେ, ଜିଲାର ନିହଲପ୍ରସାଦ ଥାନା ଅଞ୍ଚଳରେ ଥିବା ୨୦ ଏକର ସରକାରୀ ଜମିରୁ ପ୍ରାୟ ୫୦୦ କୋଟି ଟଙ୍କାର କଳା ମୁଗୁନି ପଥର ଯାଜପୁର ଜିଲାକୁ ଚାଲାଣ କରାଯାଉଛି। ଏଥିରେ ସମ୍ପୃକ୍ତ ପଥର ମାଫିଆମାନେ ୧୦୦ ଫୁଟ ଯାଏ ଖୋଳିସାରିଲେଣି। ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଉଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ସମ୍ପର୍କରେ ବହୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାର ତଦନ୍ତ ସିବିଆଇ ଦ୍ୱାରା କଲେ ବହୁ ଗୁପ୍ତ ତଥ୍ୟ ପଦାକୁ ଆସିବ ବୋଲି ସେ ଦାବି କରିଛନ୍ତି।

ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଗା ପ୍ରସାଦ ସାହୁ କହିଲେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେବିକେ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଭବାନୀପାଟଣାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନ ଗିରଫ ହୋଇଛନ୍ତି। ସେ ୧୯୯୦ରେ ପରଜଙ୍ଗ ବ୍ଲକରେ ଷ୍ଟାଇପେଣ୍ଡ ଇଞ୍ଜିନିୟର ଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କ ସେ ହେଉଛନ୍ତି ସମ୍ପର୍କୀୟ। ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କ ସହଯୋଗରେ ସମ୍ପୃକ୍ତ ନେତାଙ୍କ ପୁଅଙ୍କୁ ୫ବର୍ଷ ବାଲିଘାଟ ପାଇଁ ଲିଜ୍ ପ୍ରଦାନ କରାଯାଇଛି। ଏସବୁ ଘଟଣାର ତଦନ୍ତ ଇଡି ଦ୍ୱାରା କରିବାକୁ ସେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ନେତା ମାତୃ ପ୍ରସାଦ ନନ୍ଦ ଉପସ୍ଥିତ ଥିଲେ।

## ପଦକ୍ଷେପ ନେବାକୁ ଏନ୍‌ଏଚ୍‌ଏଆଇର ଢେଙ୍କାନାଳ ପିଡିଙ୍କ ଦୃଷ୍ଟି ଆକର୍ଷଣ

**ଜେନାପୁର, ୧୨।୩(ଡି.ଏନ୍.ଏ.):** ଯାଜପୁର ଜିଲା ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ବିପଦସଙ୍କୁଳ ହୋଇପଡ଼ିଛି। ଅସୁରକ୍ଷିତ ଟ୍ରାଫିକ ଡ୍ରାଇଭର୍ସନ ଚଣ୍ଡିଖୋଲ ଢୁବୁରୀ ସଡ଼କକୁ ଆହୁରି ବିପଦପୂର୍ଣ୍ଣ କରିଛି। ଫଳରେ ରାସ୍ତା ଉପରେ ନିର୍ଭରଶୀଳ ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଜିଲାର ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ଯାଜପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶନିବାର ଏନ୍‌ଏଚ୍‌ଏଆଇର ଢେଙ୍କାନାଳ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି)ଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ମଞ୍ଚ ଆବାହକ ସରୋଜ ବେହେରା ପିଡିଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଛନ୍ତି। ଅଭିଯୋଗପତ୍ର ଗ୍ରହଣ କରିବା ପରେ ପିଡି ସଞ୍ଜୟ ଟାନା ୧୫ ଦିନ ଭିତରେ ଅସୁରକ୍ଷିତ ଟ୍ରାଫିକ ଡାଇଭର୍ସନରେ ସୁଧାର ଆସିବା ସହିତ ବାକିଥିବା ଚାରିଥାକିଆ ରାସ୍ତା କାମରେ ଅଗ୍ରଗତି ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମରାମତି ସମ୍ପୂର୍ଣ୍ଣ ହୋଇ ନ ଥିବା ବ୍ରାହ୍ମଣୀ ସେତୁ ଓ ଦ୍ୱିତୀୟ ବ୍ରାହ୍ମଣୀ ସେତୁର କାର୍ଯ୍ୟ ଉପରେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ବୃନ୍ଦାବନପୁରର ଐତିହାସିକ ଦୋଳମେଳଣ ସମ୍ପନ୍ନ



ବୃନ୍ଦାବନପୁର ଗ୍ରାମରେ ଦୋଳମେଳଣରେ ବିମାନରୂଢ଼ ଠାକୁରମାନେ।

**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବୁଢ଼ୀବିଲି ପଞ୍ଚାୟତ ବୃନ୍ଦାବନପୁର ଗ୍ରାମର ଦେଢ଼ଶହ ବର୍ଷ ପୁରୁଣା ଐତିହାସିକ ଦୋଳମେଳଣ ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଗୋଡ଼ାସାହି, ବୋଲୁଅ, ବୃନ୍ଦାବନପୁର, ବୁଢ଼ୀବିଲି, ଭଏରପୁର, ରଗଡିପଡା, ରାଙ୍କିଆ, କଣ୍ଟାଝରିଆ, ବାଲିପଡା, ଟାଙ୍ଗର, ମହାବୀରନଗର ଆଦି ୧୧ ଗ୍ରାମ ସାମିଲ ହୋଇଥିଲେ। ପରମ୍ପରା ଅନୁଯାୟୀ ଦୈନିକ ଗୋଟିଏ ଲେଖାଏ ଗ୍ରାମରେ ରାଧାକୃଷ୍ଣଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ହୋଲି ଉତ୍ସବରେ ବୃନ୍ଦାବନପୁର ଗ୍ରାମରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରାଯାଇଥିଲା। ଏଥିରେ ଅନ୍ୟ ୧୦ ଗ୍ରାମର ଦୋଳବିମାନ ସାମିଲ ହୋଇଥିଲେ। ଫଗୁ ଖେଳ, ଗୋପାଳଙ୍କ ଲଉଡ଼ି ଖେଳ, ସଂକୀର୍ତ୍ତନମଣ୍ଡଳୀର ନାମକୀର୍ତ୍ତନ, ଶିଙ୍ଗବାଜାର ତାଳେତାଳେ ପ୍ରଭୁ ମଦନମୋହନ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ୧୧ ଖଣ୍ଡ ମଣ୍ଡଳୀର ସଭାପତି ଯାଦବାନନ୍ଦ ପାଳ, ସମ୍ପାଦକ ଅଲେଖ ପ୍ରସାଦ ସ୍ୱାଇଁ, ଗ୍ରାମ ଉପଦେଷ୍ଟା ନୃସିଂହ ଚରଣ ବେହେରା, ସଭାପତି ବିଦ୍ୟାଧର ନାୟକ, ସମ୍ପାଦକ ଦୁଃଖବନ୍ଧୁ ବେହେରା, ପ୍ରାଣବନ୍ଧୁ ବେହେରା, ପ୍ରହଲ୍ଲାଦ ବେହେରା, ବିଦ୍ୟାଧର ସ୍ୱାଇଁ, ପ୍ରଫୁଲ୍ଲ ନାୟକ ଓ ମିଟୁ ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ପୁଣି ପାଣିଓହଳାରେ ନିଆଁ

**ଢେଙ୍କାନାଳ ଅଫିସ,୧୨।୩**

ଢେଙ୍କାନାଳବାସୀଙ୍କ ଫୁସ୍‌ଫୁସ୍ କୁହାଯାଉଥିବା ପାଣିଓହଳା ପାହାଡ଼ରେ ପୁଣି ନିଆଁ ଲାଗିଛି। ପୌରସଂସ୍ଥା କାର୍ଯ୍ୟାଳୟ ପଛ ପାଖକୁ ଲାଗି ରହିଥିବା ଜଙ୍ଗଲର କିଛି ଅଞ୍ଚଳରେ ନିଆଁ ବ୍ୟାପିଥିବା ରବିବାର ସକାଳେ ଜଣାପଡ଼ିଥିଲା। ସୂଚନା ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ବହୁକଷ୍ଟରେ ନିଆଁକୁ ଆୟତ୍ତ କରିଥିବା ବିଭାଗୀୟ ଅଧିକାରୀ ପ୍ରଶାନ୍ତ ସାମଲଙ୍କ ସୂଚନାରୁ ଜଣାପଡ଼ିଛି। ଜୈବ ବିବିଧତାରେ ଭରା ପାଣିଓହଳା ପାହାଡ଼ ବାରମ୍ବାର ବନାଗ୍ନି ଦ୍ୱାରା ପ୍ରଭାବିତ ହେଉଛି। ନିଆଁ ପ୍ରକୋପରୁ ଏହାକୁ ସୁରକ୍ଷା ଦେବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରି ୨୪ ଘଣ୍ଟିଆ ନଜର ରଖିବାକୁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।



ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ମନମୋହିଲା ଲଉଡ଼ି ଖେଳ



କଣ୍ଟାବଣିଆରେ ଅନୁଷ୍ଠିତ ଦୋଳଯାତ୍ରାରେ ଲଉଡ଼ି ଖେଳ ପରିବେଷଣ କରାଯାଉଛି।



କାଙ୍କଡ଼ପାଳରେ ଅନୁଷ୍ଠିତ ଦୋଳ ଉତ୍ସବ ଶୋଭାଯାତ୍ରାରେ ଗୋପାଳ ଲଉଡ଼ି ଖେଳ ପରିବେଷଣ କରାଯାଉଛି।

### ଦୋଳଯାତ୍ରାରେ ଆଧ୍ୟାତ୍ମିକ ପରିବେଶ

**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଅଞ୍ଚଳରେ ଶ୍ରୀଦୋଳଗୋବିନ୍ଦ ଜୀଉଙ୍କ ବସନ୍ତପର୍ବ ଉପଲକ୍ଷେ ମହାଆଡମ୍ବରରେ ପାଳିତ ହେଉଛି ପଞ୍ଚଦୋଳ ଉତ୍ସବ। ରବିବାର ପାରମ୍ପରିକ ନୀତି ଅନୁଯାୟୀ ଯୋରାଗାଡ଼ିଆ ଗ୍ରାମରୁ ବିମାନରେ ଠାକୁରଙ୍କୁ ଘର ଘର ବୁଲାଯାଇଥିଲା। ଦୋଳଗୋବିନ୍ଦଙ୍କୁ ସରଳବଣି ଅର୍ପଣ କରାଯାଇଥିଲା। ଅପରାହ୍ନରେ ବର୍ଣ୍ଣାଢ଼୍ୟ ପରିବେଶରେ ଶ୍ରୀଜୀଉଙ୍କ ଗ୍ରାମ ପରିକ୍ରମା କରାଯାଇ ଦୋଳମଣ୍ଡପକୁ ନିଆଯାଇଥିଲା। ଘଣ୍ଟ, ଶଙ୍ଖ, ନାମସଂକୀର୍ତ୍ତନ, ହୁଳହୁଳି, ଲଉଡ଼ି ଖେଳରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଲଉଡ଼ି ଖେଳ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ରାତିରେ 'ରାମଲୀଳା' ପରିବେଷଣ କରାଯାଇଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ସଦର ବ୍ଲକ କାଙ୍କଡ଼ପାଳ ଗ୍ରାମରେ ୭ ତାରିଖରୁ ଆରମ୍ଭ ହୋଇଥିବା ୮୬ତମ ଦୋଳ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ୪ ଦଳ କଳାକାରଙ୍କ ଲଉଡ଼ି ଖେଳ ବେଶ୍ ଆକର୍ଷଣୀୟ ହୋଇଥିଲା। ସଭାପତି ଚନ୍ଦନ ମହାନ୍ତି, ସମ୍ପାଦକ ପୁରୁଷୋତ୍ତମ ଦାସ, ବିଚିତ୍ର ଦାସ, ଭରତ ସାମଲ, କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲେ।

# ବକେୟା ଭଡ଼ା ଦାବିରେ ଧାରଣା



କମ୍ପାନୀ ସମ୍ମୁଖରେ ଗାଡ଼ି ମାଲିକମାନେ ଧାରଣା ଦେଇଛନ୍ତି।

**ତାଳଚେର,୧୨।୩(ନି.ପ୍ର.)**

ଏମ୍‌ସିଏଲ୍‌ର ତାଳଚେରସ୍ଥିତ ଭୁବନେଶ୍ୱରୀ କୋଇଲା କ୍ଷେତ୍ର ଅଧୀନରେ ଥିବା ଏନସିସିପିଏଲ ନାମକ ଘରୋଇ କମ୍ପାନୀରେ ଲାଗିଥିବା ଗାଡିର ବକେୟା ଅର୍ଥରାଶି ପ୍ରଦାନ ଦାବିରେ ଗାଡ଼ି ମାଲିକମାନେ ରବିବାର ସକାଳେ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ କମ୍ପାନୀରେ କାର୍ଯ୍ୟ ବନ୍ଦ ରହିବା ସହିତ ପରିବହନ ବାଧାପ୍ରାପ୍ତ ହୋଇଥିଲା।

ଗାଡ଼ିମାଲିକମାନେ ଅଭିଯୋଗ କରିଛନ୍ତି, ଦୀର୍ଘ ୬ ମାସ ହେଲା କୋଇଲା ଖଣି କର୍ତ୍ତୃପକ୍ଷ କମ୍ପାନୀକୁ ସମସ୍ତ ବକେୟା ରାଶି ପ୍ରଦାନ କରିଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ଗାଡି ମାଲିକମାନଙ୍କୁ ସେମାନଙ୍କ ବକେୟା ଅର୍ଥରାଶି ପ୍ରଦାନ କରୁନାହାନ୍ତି। ଏଥିଯୋଗୁ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣରେ ଗାଡ଼ି ଆଣିଥିବା ମାଲିକମାନେ ମାସିକିଆ କିସ୍ତି ପରିଶୋଧ କରିପାରୁ ନାହାନ୍ତି। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଗଲେ ମଧ୍ୟ ଗୁରୁତ୍ୱ ଦିଆଯାଉ ନାହିଁ। ଗାଡ଼ି ମାଲିକମାନେ ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ଦ୍ୱାରସ୍ଥ ହେବା ପରେ ବିଧାୟକ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ବକେୟା ଅର୍ଥ ପ୍ରଦାନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ରାଜି ହୋଇଥିଲେ। ହେଲେ ଏଯାଏ ବକେୟା ଅର୍ଥ ପ୍ରଦାନ କରାଯାଇ ନ ଥିବାରୁ ବାଧହୋଇ ଧାରଣା ଦିଆଯାଇଥିବା ଗାଡ଼ି ମାଲିକମାନେ ପ୍ରକାଶ କରିଛନ୍ତି। ଖବରପାଇ ଧାରଣାସ୍ଥଳକୁ କମ୍ପାନୀର ଉଚ୍ଚ ପଦସ୍ଥ ଅଧିକାରୀମାନେ ଆସି ବୁଝାଶୁଝା କରିଥିଲେ ହେଁ ଧାରଣା ଚାଲୁ ରହିଛି।

## ସଂକ୍ଷେପରେ

### ଚେନ୍ ଛିନତାଇ ଉଦ୍ୟମ

**ଅନୁଗୋଳ ଅଫିସ, ୧୨।୩:** ଅନୁଗୋଳ ଥାନା ହେମସୁରପଡ଼ା ଅଞ୍ଚଳରେ ଜଣେ ଯୁବତୀଙ୍କ ବେକରୁ ଚେନ୍ ଛିନ୍‌ତାଇ ଉଦ୍ୟମ କରାଯାଇଛି। ଏ ନେଇ ଯୁବତୀଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଶନିବାର ସକାଳେ ଯୁବତୀ ଜଣଙ୍କ ଜିମ୍‌ରୁ ଫେରିବା ସମୟରେ ହେମସୁରପଡ଼ା ଦାଣ୍ଡି କେନାଲ ନିକଟରେ ଜଣେ ଅଜଣା ଯୁବକ ମୋଟର ସାଇକେଲ (ନଂ ଓଡି ୧୯ କ୍ୟୁ- ୬୧୫୧)ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଛିନ୍‌ତାଇ କରିବାକୁ ଉଦ୍ୟମ କରିଥିଲେ। ଯୁବତୀ ଜଣଙ୍କ ଏହାକୁ ବିରୋଧ କରିବା ସହ ଚିତ୍କାର କରିବାରୁ ଦୁର୍ବୃତ୍ତ ଜଣଙ୍କ ଚମ୍ପଟ ମାରିଥିଲେ। ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଗାଡ଼ି ଓଲଟିଲା, ୭ କଳାକାର ଆହତ

**ଛେଣ୍ଡିପଦା,୧୨।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ପାତ୍ରପଡା ଦେଇ ଯାଇଥିବା ରାସ୍ତାରେ ରବିବାର ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନଙ୍କୁ ନେଇ ଫେରୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡିବାରୁ ଗାଡିରେ ଥିବା ୭ ଜଣ କଳାକାର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବାରମଞ୍ଚା ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀର ପ୍ରାୟ ୨୦ ଜଣଙ୍କୁ ନେଇ କିଶୋରନଗର ବ୍ଲକ ଅଙ୍ଗପଡା ଅଞ୍ଚଳକୁ ଯାଇଥିବା ପିକ୍‌ଅପ୍ ଭ୍ୟାନ ସେଠାରୁ କଳାକାରଙ୍କୁ ଧରି ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ୭ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ପାତ୍ରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ନିକଟସ୍ଥ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ଦୁର୍ଘଟଣାରେ ଠିକା ଶ୍ରମିକ ମୃତ, କ୍ଷତିପୂରଣ ଦାବି

**ଢେଙ୍କାନାଳ ଅଫିସ,୧୨।୩:** ଢେଙ୍କାନାଳ ସଦର ଥାନା ଗୁଣ୍ଡିଚାପଡ଼ା ଶିଳ୍ପାଞ୍ଚଳରେ ଥିବା ନର୍ଭେରାମ କମ୍ପାନୀରେ ଗତ ଗୁରୁବାର ଦୁର୍ଘଟଣା ଘଟି ବିପିନ କୁମାର ଯାଦବ ନାମକ ଜଣେ ଠିକା ଶ୍ରମିକ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ କମ୍ପାନୀରେ ଶ୍ରମିକ ଅଶାନ୍ତି ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ଲାଗି ଦାବି କରି ସେମାନେ ହୋହଲ୍ଲା କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ, ପୋଲିସ, ପ୍ରଶାସନ, ଶ୍ରମ ବିଭାଗ ଓ ଶ୍ରମିକ ସଙ୍ଗଠନର ନେତୃବୃନ୍ଦଙ୍କ ଉପସ୍ଥିତିରେ ଆଲୋଚନା ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

### ଅଗ୍ନିକାଣ୍ଡରେ ୨ବଖରା ଜଳିଗଲା

**ଢେଙ୍କାନାଳ ଅଫିସ,୧୨।୩:** ଢେଙ୍କାନାଳ ସଦର ଥାନା ଖମାର ତଳସାହିରେ ରବିବାର ଅଗ୍ନିକାଣ୍ଡ ଘଟି ଚଞ୍ଚଳା ସାହୁଙ୍କ ୨ ବଖରା ଘର ଜଳିପୋଡ଼ି ଛାରଖାର ହୋଇଯାଇଛି। ରୋଷେଇ ଘରୁ ନିଆଁ ବ୍ୟାପିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଥିରେ ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଢେଙ୍କାନାଳ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କର୍ମଚାରୀଙ୍କ ଉଦ୍ୟମରେ ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜିଲା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।

# ତୀର୍ଥ କରିବାକୁ ଯିବେ ୧୩୭ ଯାତ୍ରୀ

**ଅନୁଗୋଳ ଅଫିସ, ୧୨।୩**

ଅନୁଗୋଳ ଜିଲାର ବରିଷ୍ଠ ନାଗରିକ ଶିରିଡି ଓ ନାସିକ୍ ତୀର୍ଥ ଯାତ୍ରା କରିବେ। ଆସନ୍ତା ୧୫ ତାରିଖରୁ ଜିଲାର ୧୩୭ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବସ୍ ସମ୍ବଲପୁର ଅଭିମୁଖେ ବାହାରିବ। ୧୬ ତାରିଖରେ ସମ୍ପୃକ୍ତ ତୀର୍ଥଯାତ୍ରୀମାନେ ଟ୍ରେନ୍‌ରେ ଶିରିଡି ଅଭିମୁଖେ ଯିବେ। ସେମାନଙ୍କ ମଧ୍ୟରୁ ୯୬ ଜଣ ଏକକ ସଦସ୍ୟ ହୋଇଥିବାବେଳେ ୧୯ ଜଣ ଦମ୍ପତି ରହିଛନ୍ତି। ଅବଶିଷ୍ଟ ସହଯୋଗୀ ରହିଥିବା ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ସୂଚନା ଦେଇଛନ୍ତି। ସେମାନଙ୍କ ସହ ୪ ଜଣ ଏସ୍କର୍ଟ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଆସନ୍ତା ୧୫ ତାରିଖରେ ଡ୍ରାଇଭର ସଂଘ ଧର୍ମଘଟ ଡାକରା ଦେଇଥିବାରୁ ଆଠମଲ୍ଲିକ, ପାଲଲହଡ଼ା, କଣିହାଁ, କିଶୋରନଗର ଆଦି ଅଞ୍ଚଳରୁ ତୀର୍ଥ କରିବାକୁ ଯିବାକୁ ଥିବା ଯାତ୍ରୀମାନେ ୧୪ ତାରିଖରେ ଆସିଲେ ସେମାନଙ୍କ ରହଣି ପାଇଁ ବ୍ୟବସ୍ଥା କରାଯିବ ବୋଲି ପର୍ଯ୍ୟଟନ ଅଧିକାରୀ ରାୟ ପ୍ରକାଶ କରିଛନ୍ତି।

# ୱାର୍ଡ ସଭ୍ୟାସଭ୍ୟଙ୍କୁ ତାଲିମ

**ବଇଣ୍ଡା, ୧୨।୩ (ଡି.ଏନ.ଏ.)**

କିଶୋରନଗର ବ୍ଲକ ବଣିନାଳୀସ୍ଥିତ ବିଶ୍ୱ ଯୁବକେନ୍ଦ୍ରଠାରେ ଚାଲିଥିବା ୱାର୍ଡ ମେମ୍ବରମାନଙ୍କ ୩ ଦିନିଆ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଆଠମଲ୍ଲିକ ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ପୂର୍ବତନ ସଭାପତି ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ଆଠମଲ୍ଲିକ ବ୍ଲକର ସାନହୁଲା, କିଆକଟା, ପେଡିପଥର, ବାସୁଦେବପୁର ପଞ୍ଚାୟତର ୨୫ ୱାର୍ଡମେମ୍ବର ଯୋଗ ଦେଇଥିଲେ। ଗୋବିନ୍ଦ ଶଙ୍ଖାରୀ, ଅଞ୍ଜଳି ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇ ସରକାରୀ ଯୋଜନାଗୁଡିକ କିପରି ଭଲଭାବେ କାର୍ଯକାରୀ ହୋଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ୱାର୍ଡ ସଭ୍ୟାସଭ୍ୟମାନେ ସପଘାରା ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଅଭିଷେକ ମହାପାତ୍ର, ଅଭୟ ଚରଣ ସ୍ୱାଇଁ, ଜୟନ୍ତ ଜେନା, ପୁନିଆ ସାହୁ, ପୂଜା ସ୍ୱାଇଁ ସହଯୋଗ କରିଥିଲେ।




ୱାର୍ଡ ମେମ୍ବରମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ଖାଦ୍ୟ ସାମଗ୍ରୀ, ବସ୍ତ୍ର ପ୍ରଦାନ



ଅନ୍ତେବାସୀଙ୍କ ସହ ସଂଘ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୧୨।୩**

ଅନୁଗୋଳ ଟାଏକୋଣ୍ଡୋ ସଂଘ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ କେଦାରଗୌରୀ ଧନ୍ଦା ମୂଳକ ଅନ୍ଧ ଆଶ୍ରମର ଅନ୍ତେବାସୀମାନଙ୍କୁ ଚାଉଳ, ଚୁଡ଼ା ଓ ବସ୍ତ୍ର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଜାତୀୟ ଖେଳାଳି ଚିତ୍ତରଞ୍ଜନ ମହନ୍ତ, ଜସ୍ଲିନ ସାହୁ, ଶ୍ରେୟାଂଶ ମିଶ୍ର, ଜାତୀୟ ବିଚାରକ ଶ୍ରଦ୍ଧା ସିଂହ ଓ ତପସ୍ୱିନୀ ପ୍ରଧାନ ଓ ଅଭିଭାବକମାନେ ସହଯୋଗ କରିଥିଲେ।

# ୩୦ ଛାତ୍ରୀଛାତ୍ରଙ୍କୁ ପୁରସ୍କାର

**ଅନୁଗୋଳ ଅଫିସ, ୧୨।୩**

ଅନୁଗୋଳ ଜିଲା କାଣ୍ଡସର ଗ୍ରାମରେ ପଞ୍ଚଦୋଳ ଯାତ୍ରା ଅବସରରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ଆନୁକୂଲ୍ୟରେ ଏକ ମୁକ୍ତ ମଞ୍ଚ ଜଣା ଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଇତିହାସ, ସଂସ୍କୃତି, ପରମ୍ପରା, କୁସଂସ୍କାର, ଅନ୍ଧ ବିଶ୍ୱାସ ସମ୍ପର୍କିତ ପ୍ରଶ୍ନ ଛାତ୍ରୀଛାତ୍ରମାନଙ୍କୁ କରାଯାଇଥିଲା। ଆଖପାଖ କେତୋଟି ବିଦ୍ୟାଳୟର ପିଲାମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ପ୍ରଶ୍ନ ମଞ୍ଚ ପରିଚାଳନା କରିଥିଲେ। କାଣ୍ଡସର ଗ୍ରାମ କମିଟି ସଭାପତି ଉଦୟ ନାଥ ସାହୁ, ଯାତ୍ରା କମିଟି ସଭାପତି ଗୌର ଚନ୍ଦ୍ର ପ୍ରଧାନ, ବିଷ୍ଣୁଚରଣ ବେହେରା, ଯାତ୍ରା କମିଟି ସଦସ୍ୟ ବିଶ୍ୱନାଥ ପ୍ରଧାନ, ଦୁଃଖବନ୍ଧୁ ସାହୁ, ନକୁଳ ବେହେରା, ଅର୍ଜୁନ ବେହେରା, ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଠିକ୍ ଉତ୍ତର ଦେଇଥିବା ପ୍ରିୟଙ୍କା ପ୍ରଧାନ, ଦେବସ୍ମିତା ପ୍ରଧାନ, ଆଶୁତୋଷ ନାୟକ, ପ୍ରଜ୍ଞା ସାହୁ, ରୋଜାଲିନ ପ୍ରଧାନ, ଅଚ୍ୟୁତାନନ୍ଦ ସାହୁଙ୍କ ସମେତ ୩୦ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ପୁରସ୍କାର ପାଇଥିବା ଛାତ୍ରୀଛାତ୍ରମାନେ।

# ମଦ ଦୋକାନ ସମ୍ମୁଖରେ ଗଣ୍ଡଗୋଳ

**ଛେଣ୍ଡିପଦା,୧୨।୩(ସ୍ୱ.ପ୍ର.)**

ଛେଣ୍ଡିପଦା ମେଡିକାଲ ରାସ୍ତାରେ ଥିବା ଏକ ବିଦେଶୀ ମଦ କାଉଣ୍ଟର ସମ୍ମୁଖରେ ମଦ୍ୟପାନ କରି ବାପା ଓ ପୁଅ ଗଣ୍ଡଗୋଳ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୦୬/୨୩ରେ ଏକ ମାମଲା ରୁଜୁ କରି କଇଥ ସାହିର ଲକ୍ଷ୍ମୀଧର ମାଝିଙ୍କୁ ଗିରଫ କରି ପରେ ଛାଡ଼ିଦେଇଛି। ପୋଲିସ କହିଛି, ଶନିବାର ରାତି ପ୍ରାୟ ୯ଟାରେ ଲକ୍ଷ୍ମୀଧର ମଦ ଦୋକାନ ନିକଟରେ ପହଞ୍ଚି ଦୋକାନ ମ୍ୟାନେଜର ରାମ ଦୟାଲ ଗୁପ୍ତା ଓ କର୍ମଚାରୀଙ୍କୁ ଗାଳି ଗୁଲଜ କରିବା ସହିତ ଦୋକାନ ସମ୍ମୁଖରେ ବୋତଲ ଫଟାଇ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ସେଠାରେ ଥିବା କେତେଜଣ ଲୋକ ଲକ୍ଷ୍ମୀଧରଙ୍କୁ ବାରଣ କରିବାରୁ ସେ ପଳାଇ ଆସି ବାପା ବୈକୁଣ୍ଠ ମାଝିଙ୍କୁ ମଦ କାଉଣ୍ଟର ନିକଟକୁ ଡାକିଆଣିବା ସହିତ ଗଣ୍ଡଗୋଳ କରିଥିଲେ। ଏ ନେଇ ମ୍ୟାନେଜର ରାମଦୟାଲ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ବ୍ରାହ୍ମଣୀ ଓ ଗ୍ରାମେଶ୍ୱରୀଙ୍କ ପୀଠରେ ଚାଲିଥିବା ଶ୍ରୀବିଷ୍ଣୁ ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ହରିଓଁ ସଂକୀର୍ତ୍ତନମଣ୍ଡଳୀର ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଗତ ୧୧ ତାରିଖରେ ଷୋଡ଼ଶ ଉପଚାର ପୂଜା, ଅଙ୍କୁରାରୋପଣ, ଅଧିବାସ, ସୂର୍ଯ୍ୟପୂଜା, ଗୋପୂଜା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା।

ରବିବାର ସକାଳେ ବ୍ରାହ୍ମଣୀ ନଦୀରୁ ଆରମ୍ଭ ହୋଇଥିବା କଳସ ଯାତ୍ରା ପୀଠରେ ପହଞ୍ଚିବା ପରେ ଘଟସ୍ଥାପନ କରାଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ସୂର୍ଯ୍ୟପୂଜା, ଗୋପୂଜା, ମା’ ଲକ୍ଷ୍ମୀଙ୍କ ପୂଜା, ଶ୍ରୀହନୁମାନଙ୍କ ପୂଜା, ଚଣ୍ଡୀପାଠ, ବାବା ବ୍ରହ୍ମେଶ୍ୱରଙ୍କ ଷୋଡ଼ଶ ଉପଚାର ପୂଜା ଏବଂ ରୁଦ୍ରାଭିଷେକ ସମ୍ପନ୍ନ ହୋଇଥିଲା। ପଣ୍ଡିତ ବେଣୁଧର ମିଶ୍ରଙ୍କ ନେତୃତ୍ୱରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ରଞ୍ଜନ ତ୍ରିପାଠୀ, ଶୈଳବାଳା ତ୍ରିପାଠୀ, ଶିବରାମ ବରାଳ, ମଞ୍ଜୁଶ୍ରୀ ବରାଳ କର୍ତ୍ତା ରହିଥିଲେ। ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ମଙ୍ଗଳପୁର ଓ ମାନପୁର ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା।

# ରଙ୍ଗମିସ୍ତ୍ରିଙ୍କ ଆତ୍ମହତ୍ୟା

**ଛେଣ୍ଡିପଦା,୧୨।୩ (ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ବାଲିଚନ୍ଦ୍ରପୁର ଗ୍ରାମରେ ଥିବା ଏକ ଭଡାଘରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରାଜସ୍ଥାନର ଝୁନଝୁନ ଜିଲା କ୍ଷେତ୍ରୀ ଗ୍ରାମର ମୁକେଶ କୁମାର ବୋଲି ପୋଲିସ କହିଛି। ପୋଲିସ ସୂତ୍ରରୁ ପ୍ରକାଶ, ମୁକେଶ ବାଲିଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଏକ କମ୍ପାନୀର ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ହେବ ସେ ଅସୁସ୍ଥ ଥିବାରୁ ବାଲିଚନ୍ଦ୍ରପୁର ଗ୍ରାମରେ ଥିବା ଭଡ଼ାଘରେ ବିଶ୍ରାମ ନେଉଥିଲେ। ରବିବାର କମ୍ପାନୀ ଛୁଟି ଥିବାରୁ ମୁକେଶଙ୍କ ଅନ୍ୟ ସାଙ୍ଗମାନେ ବୁଲିବାକୁ ବାହାରକୁ ଯାଇଥିଲେ। ସେମାନେ ରୁମ୍‌କୁ ଫେରିବା ପରେ ମୁକେଶ ଏକ ଗାମୁଛାରେ ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ନିଶା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା। ଏ ନେଇ ଥାନାରେ ନଂ. ୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ



ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରାଯାଉଛି।

**କଣିହାଁ,୧୨।୩ (ଡି.ଏନ.ଏ.)**

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ମା’ କନକେଶ୍ୱରୀ ମନ୍ଦିରର ଆଲୋକୀକରଣ ବ୍ୟବସ୍ଥା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଳ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଦୁଃଖବନ୍ଧୁ ବେହେରା, ସମିତି ସଭ୍ୟ ଯୁଗଳ କିଶୋର ସାହୁ, ଗ୍ରାମ ସଭାପତି ରବିଚନ୍ଦ୍ର ମହାନ୍ତି, ସମ୍ପାଦକ ପ୍ରକାଶ ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଅର୍କୀଳ ପଞ୍ଚାୟତ ଗସ୍ତ କରି ଜନସାଧାରଣଙ୍କ ସମସ୍ୟା ବୁଝିବା ସହିତ ଅର୍କୀଳ ଠାରେ ନିର୍ମାଣାଧୀନ ଶିବ ମନ୍ଦିରର ଉନ୍ନତୀକରଣ ଓ ପ୍ରତିଷ୍ଠା ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସୁବାସ ମହାନ୍ତି, ପର୍ଶୁରାମ ବିଶ୍ୱାଳ, ଅବନୀକାନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ‘କ୍ୟାଚ୍ ଦି ରେନ୍’ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ ନେହେରୁ ଯୁବକେନ୍ଦ୍ର ଓ ସାମାଜିକ ସାଂସ୍କୃତିକ ବିକାଶ ସଂଘର ମିଳିତ ପ୍ରୟାସରେ ରବିବାର କ୍ୟାଚ୍ ଦି ରେନ୍ ଫେଜ୍–୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଉତ୍ସାହୀ ଯୁବକମାନେ ଏକ ଶୋଭାଯାତ୍ରାରେ ବର୍ଷା ଜଳକୁ କିଭଳି ସଂରକ୍ଷିତ କରାଯାଇପାରିବ, ସେ ନେଇ ଗ୍ରାମବାସୀଙ୍କୁ ବୁଝାଇବା ସହ ଶପଥପାଠ କରାଇଥିଲେ। ଚିତ୍ରାଙ୍କନ ମାଧ୍ୟମରେ ବର୍ଷାଜଳ ସଂରକ୍ଷଣ ବାର୍ତ୍ତା ପ୍ରଚାର କରାଯାଇଥିଲା। ସୌମ୍ୟା ମିଶ୍ର ଆଲୋଚନାରେ ଭାଗନେଇ ବର୍ଷାଜଳ ଅମଳ ବିଷୟରେ ସଚେତନ କରାଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଯୁବକମାନେ।

# ନାରୀ ନିର୍ଯାତନା ବିରୋଧରେ ଆନ୍ଦୋଳନ ଆହ୍ୱାନ

**କଣିହାଁ,୧୨।୩(ଡି.ଏନ.ଏ.)**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ କଣିହାଁ ବ୍ଲକ କମିଟି ପକ୍ଷରୁ ଶନିବାର ଅପରାହ୍ଣରେ ଗଦାଶିଳାରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ସଙ୍ଗଠନ ବ୍ଲକ କମିଟି ଉପସଭାନେତ୍ରୀ ନିର୍ମଳା ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦିକା ପ୍ରଗତିବାଳା ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏଆଇଏମଏସଏସ୍‌ର ଜିଲା ସମ୍ପାଦିକା ମାନସୀ ସ୍ୱାଇଁ ଯୋଗଦେଇ ନାରୀ ନିର୍ଯାତନା, ଅପସଂସ୍କୃତି, ଅଶ୍ଳୀଳତା, ମଦ–ମାଦକ ଦ୍ରବ୍ୟର ପ୍ରଚାରପ୍ରସାର ବିରୋଧରେ ସଙ୍ଗଠିତ ହୋଇ ଶକ୍ତିଶାଳୀ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ମିନତୀ ସାମଲ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କଜିନୀ ସିଂ, ପାର୍ବତୀ ନାଏକ, ସଙ୍ଗିତା ସିଂ, ମୁନୀ ନାଏକ, ଖୁଲଣା ନାଏକ, ଗୌରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ସମାବେଶରେ ଉପସ୍ଥିତ ମହିଳାମାନେ।

# ମନ୍ଦିର ପରିସରରେ ଯୁବକଙ୍କ ଆତ୍ମହତ୍ୟା

**ଉମରକୋଟ,୧୨।୩(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ସହରର ଅଧିଷ୍ଠାତ୍ରୀ ଦେବୀ ମା’ ପେଣ୍ଠରାଣୀଙ୍କ ମନ୍ଦିର ପରିସରରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉମରକୋଟ ଟିଙ୍କିରା ସାହିର ଭୀମ ହରିଜନ। ଭୀମ ଉମରକୋଟ ପୌର ପରିଷଦର ଜଣେ କାଉନସିଲରଙ୍କ ଭାଇ ବୋଲି ଜଣାପଡ଼ିଛି। ଭୀମ ମନ୍ଦିର ପରିସର ରୋଷେଇ ଘରେ ବେକରେ ବାନ୍ଧି ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ନଗରପାଳ ପି.ରାବଣା ରାଓ, ସଂପାଦକ ଗଜି ନାୟକ, ସମାଜିକ କର୍ମୀ ରଜତ ସାନ୍ତ୍ରା, ଗୋପାଳ ପଟନାୟକ, କାଉନସିଲର ମନୋଜ କୁମାର ନାୟକ, ଭୈରବ ମିଶ୍ର, ଏସ. ବିଜୟ ପ୍ରମୁଖ ଘଟଣାସ୍ଥଳକୁ ଆସି ମୃତଦେହ ଝୁଲୁଥିବା ଦେଖିଥିଲେ। ପରେ ସେମାନେ ଉମରକୋଟ ଥାନାକୁ ଯାଇ ତୁରନ୍ତ ମୃତଦେହ ବାହାର କରିବାକୁ ପୋଲିସକୁ ଅନୁରୋଧ କରିଥିଲେ। ତହସିଲଦାର ତୁଳା ମାଝୀଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ମୃତକଙ୍କ ବାପାଙ୍କ ଅଭିଯୋଗ ପ୍ରକାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ପେଣ୍ଠରାଣୀ ମନ୍ଦିର ପରିସରରେ ଗଙ୍ଗା ଜଳ ସିଞ୍ଚନ କରାଯାଇଛି।ମ୍ ଏଥିଲାଗି ମା’ଙ୍କ ପୂଜାର୍ଚ୍ଚନା ବିଳମ୍ବ ହୋଇଥିବା ବେଳେ ଭକ୍ତଙ୍କ ପାଇଁ ପୂର୍ବାହ୍ନ ପ୍ରାୟ ୧୧ଟାରେ ମନ୍ଦିର ଖୋଲାଯାଇଥିଲା।

